# ଗ୍ରାମୀଣ କୃଷି ମୌସମ ସେବା
## ଭାରତ ପାଣିପାଗ ବିଭାଗ
## ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
## ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର, ଚିପିଲିମା



ସଂଖ୍ୟା - ୦୧ (ଓଡ଼ିଆ ବୁଲେଟିନ୍)    ସପ୍ତାହ - ୦୧    ତାରିଖ: ୦୨.୦୧.୨୦୨୬


## ଜିଲ୍ଲା – ସମ୍ବଲପୁର

### ପର୍ଯ୍ୟବେକ୍ଷଣ କେନ୍ଦ୍ରରେ ୨୭.୧୨.୨୦୨୫ ରୁ ୦୨.୦୧.୨୦୨୬ ମଧ୍ୟରେ ରେକର୍ଡ କରାଯାଇଥିବା ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରାଏବଂ ଜିଲ୍ଲାର ହାରାହାରି ବର୍ଷାପାତ

| | ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | | | | | | | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | | | | | | | ବୃଷ୍ଟିପାତ (ମିଲି ମିଟର) | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| ତାରିଖ | ୨୭ | ୨୮ | ୨୯ | ୩୦ | ୩୧ | ୦୧ | ୦୨ | ୨୭ | ୨୮ | ୨୯ | ୩୦ | ୩୧ | ୦୧ | ୦୨ | ୨୭ | ୨୮ | ୨୯ | ୩୦ | ୩୧ | ୦୧ | ୦୨ |
| ସମ୍ବଲପୁର | 28 | 27 | 28 | 29 | 29 | 29 | 28 | 12 | 12 | 11 | 11 | 11 | 12 | 13 | 0.0 | 0.0 | 0.0 | 0.0 | 0.0 | 0.0 | 0.0 |

### ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୦୩-୦୧-୨୦୨୬ | ୦୪-୦୧-୨୦୨୬ | ୦୫-୦୧-୨୦୨୬ | ୦୬-୦୧-୨୦୨୬ | ୦୭-୦୧-୨୦୨୬ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 0 | 0 | 0.1 | 0 | 0 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 29 | 29 | 29 | 28 | 28 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 13 | 14 | 14 | 14 | 13 |
| ମେଘ ଆବରଣ (ଓକଟା) | 1 | 1 | 2 | 2 | 1 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 69 | 72 | 76 | 75 | 70 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 28 | 32 | 33 | 31 | 24 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 4 | 6 | 5 | 5 | 5 |
| ପବନର ଦିଗ (ଡିଗ୍ରୀ) | 72 | 83 | 76 | 63 | 37 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

## ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆଗାମୀ ସପ୍ତାହରେ ବର୍ଷା ହେବାର ସମ୍ଭାବନା ବହୁତ କମ ଅଛି ଏବଂ ଏହି ସମୟ ଅବଧିରେ ଆକାଶ ମୁଖ୍ୟତଃ ରୁ ଆଂଶିକ ସଫା ରହିପାରେ । ଆସନ୍ତା ସପ୍ତାହରେ ଉଭୟ ସର୍ବାଧିକ (ଦିନର) ଓ ସର୍ବନିମ୍ନ ତାପମାତ୍ରାରେ ବିଶେଷ କିଛି ପରିବର୍ତ୍ତନର ସମ୍ଭାବନା ନାହିଁ । ଆସନ୍ତା ୫ ଦିନ ମଧ୍ୟରେ ଆର୍ଦ୍ରତାର ସ୍ଥିତି ମଧ୍ୟମ ରହିବା ସହିତ ୪ ରୁ ୬ କି.ମି. ପ୍ରତି ଘଣ୍ଟା ବେଗରେ ଉତ୍ତର-ପୂର୍ବ ଦିଗରୁ ପବନ ବହିବାର ସମ୍ଭାବନା ବନିପାରେ ।

## ସାଧାରଣ ଉପଦେଶ

- ପ୍ରଚଳିତ ଥଣ୍ଡା ପାଗକୁ ଧ୍ୟାନରେ ରଖି, ଚାଷୀଭାଇମାନଙ୍କୁ ନିଜ ଫସଲରେ ହାଲୁକା, ସୁରକ୍ଷାମୂଳକ ଜଳସେଚନ କରିବାକୁ ପରାମର୍ଶ ଦିଆଯାଇଅଛି, କାରଣ ଓଦା ମାଟି ଶୁଖିଲା ମାଟି ଅପେକ୍ଷା ଭଲ ଭାବରେ ତାପ ଧରି ରଖେ, ଯାହା ଗଛ ଚାରିପାଖର ତାପମାତ୍ରା ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ ।
- ପୂର୍ବ ଦିନର କୁହୁଡ଼ି ପରିସ୍ଥିତି ପନିପରିବା, ବିନ୍ସ ଏବଂ ସୋରିଷରେ ଯଉ ପୋକ ଭଳି କିଛି କୀଟପତଙ୍ଗର ଆକ୍ରମଣକୁ ବୃଦ୍ଧି କରିପାରେ । ଉଚ୍ଚ ଆର୍ଦ୍ରତା ଏବଂ ସ୍ଥାୟୀ ପତ୍ର ଓଦା ରହିବା କବକ ଏବଂ ଅନ୍ୟାନ୍ୟ ରୋଗ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରେ । ତେଣୁ, ଏହାର ନିୟମିତ ତଦାରଖ କରିବା ପାଇଁ ପରାମର୍ଶ ଦିଆଯିବା ଉଚିତ ।
- ଯେଉଁଠାରେ ଜଳସେଚନ ସୁବିଧା ଉପଲବ୍ଧ ଅଛି, ସେଠାରେ ଚାଷୀଭାଇମାନେ କ୍ଷେତରେ ଉପଲବ୍ଧ ମାଟିର ଆର୍ଦ୍ରତା ବ୍ୟବହାର କରି ମଧ୍ୟମ/ଅଗଭୀର ନିମ୍ନ ଭୂମିରେ

| |
|---|
| ସୋରିଷ, ରାଶି, ଚଣା, ଚିନାବାଦାମ, ମୁଗ ଓ ବିରି, ଝୁଡ଼ଙ୍ଗ ଭଳି ସ୍ୱଳ୍ପକାଳୀନ ରବି ଫସଲ ଇତ୍ୟାଦିର ବୁଣା ବୁଣି କାର୍ଯ୍ୟ ଯଥାସିଘ୍ର ସମ୍ପୂର୍ଣ କରିଦିଅନ୍ତୁ ଏବଂ ଡାଲୁଅ ଧାନର ନର୍ସରୀ ପାଇଁ ଜମି ପ୍ରସ୍ତୁତି ତଥା ବିହନ ବୁଣିବା କାର୍ଯ୍ୟ ଆରମ୍ଭ କରିଦିଅନ୍ତୁ । |
| **ସଂକ୍ଷିପ୍ତ ଉପଦେଶ** |
| • ପ୍ରଚଳିତ ପାଗ ପନିପରିବା ଓ ଫୁଲ ଅବସ୍ଥାରେ ଥିବା ଫସଲରେ ଶୋଷକ କୀଟମାନଙ୍କ ଆକ୍ରମଣ ଓ ପତ୍ର ପୋଡା ରୋଗ ପାଇଁ ଅନୁକୂଳ ଅଟେ, ତେଣୁ ଏହାର ନିୟମିତ ନିରୀକ୍ଷଣ କରିବାକୁ ପରାମର୍ଶ ଦିଆଯାଇଅଛି । |
| **ପାଣିପାଗ ଭିତ୍ତିକ କୃଷିଏବଂ ପଶୁପାଳନ ଉପଦେଶ** |

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ଡାଲୁଅ ଧାନ | ନର୍ସରୀ ପ୍ରସ୍ତୁତି | • ଖରାଟିଆ ଧାନ ଚାଷ ପାଇଁ ଚାଷୀଭାଇମାନେ ଜଳସେଚନର ସୁବିଧା ଥିବା ସ୍ଥାନରେ ପ୍ରସ୍ତୁତ ହୋଇଥିବା ନର୍ସରୀରେ ବିହନ ବୁଣା କାର୍ଯ୍ୟ ଆରମ୍ଭ କରିଦିଅନ୍ତୁ କାରଣ ଆସନ୍ତା ଦୁଇ ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରାରେ ସାମାନ୍ୟ ବୃଦ୍ଧି ଦେଖାଯାଇପାରେ ।<br>• ପ୍ରଚଳିତ ଥଣ୍ଡା ପାଗକୁ ଦୃଷ୍ଟିରେ ରଖି, ଚାଷୀମାନଙ୍କୁ ଧାନ ନର୍ସରୀରେ ରାତିରେ ନର୍ସରୀ ବେଡ୍ ଗୁଡ଼ିକୁ ପଲିଥିନ୍ ଚାଦରରେ ଘୋଡ଼ାଇ ରଖିବାକୁ ଏବଂ ସକାଳେ ତାକୁ କାଢ଼ିଦେବାକୁ ପରାମର୍ଶ ଦିଆଯାଉଛି । ସନ୍ଧ୍ୟାରେ ନର୍ସରୀ ବେଡ୍ ଗୁଡ଼ିକରେ ଜଳସେଚନ କରନ୍ତୁ ଏବଂ ସକାଳେ ପାଣି ନିଷ୍କାସନ କରଦିଅନ୍ତୁ । |
| ସୋରିଷ ଓ ତୋରିଆ | ଫୁଲ ଓ ଫଳ ଅବସ୍ଥା | • ଯଦି ସମ୍ଭବ ହୁଏ ତେବେ ସୋରିଷ ଫସଲକୁ ଥଣ୍ଡା ଦାଉରୁ ରକ୍ଷା କରିବା ପାଇଁ, ୦.୧% ତରଳ ସଲଫ୍ୟୁରିକ୍ ଏସିଡ୍ (୧୦୦୦ ଲିଟର ପାଣିରେ ୧ ଲିଟର ସଲଫ୍ୟୁରିକ୍ ଏସିଡ୍) କିମ୍ବା ୫୦୦ ppm (୧୦୦୦ ଲିଟର ପାଣିରେ ୫୦୦ ଗ୍ରାମ ଥିଓୟୁରିଆ) ସଫା ପାଗକୁ ଦେଖି କୁହୁଡି ନ ଥିବା ସମୟରେ ସିଞ୍ଚନ କରାଯିବା ଉଚିତ ।<br>• ପୂର୍ବ ଦିନଗୁଡିକରେ ପାଗର ଯେଉଁ ସ୍ଥିତି ଥିଲା ତାହା ସୋରିଷ ଫସଲରେ ଜଉ ପୋକ ଏବଂ କରତିଆ ମାଛି ଆକ୍ରମଣ ପାଇଁ ଅନୁକୂଳ ଅଟେ, ତେଣୁ ଏହାର ଆକ୍ରମଣ ପ୍ରତି ନିୟମିତ ନିରୀକ୍ଷଣ କରିବାକୁ ପରାମର୍ଶ ଦିଆଯାଇଅଛି । |
| ଚିନାବାଦାମ | ବୁଣା ଅବସ୍ଥା / ଅଂଗିୟ ଅବସ୍ଥା | • ପୂର୍ବ ଦିନଗୁଡିକରେ ପାଣିପାଗର ଯେଉଁ ସ୍ଥିତି (ମେଘୁଆ ଓ କୁହୁଡି ପାଗ) ଥିଲା ତାହା ଚିନାବାଦାମ ଫସଲରେ ଜଉ ପୋକ ଲାଗିବା ପାଇଁ ଅନୁକୁଳ ଅଟେ ତେଣୁ ଏହାର ନିୟମିତ ନିରୀକ୍ଷଣ କରନ୍ତୁ । ଯଦି ଏହାର ପ୍ରକୋପ ଦେଖାଯାଏ ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।<br>• ରାସାୟନିକ ଉପାୟରେ ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ ଥାୟାମେଥୋକ୍ଜାମ୍ କିମ୍ବା ୮୦ ଗ୍ରାମ ଇମାମେକ୍ଟିନ ବେଞ୍ଜୋଏଟ୍ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| କୋବି ଜାତୀୟ ପନିପରିବା | ଅଂଗିୟ ଅବସ୍ଥା/ ପରିପକ୍ୱ ଅବସ୍ଥା | • ଗଛକୁ ଅଧିକ ଥଣ୍ଡାରୁ ରକ୍ଷା କରିବା ପାଇଁ ପଲିଥିନ୍ କିମ୍ବା ପୁଆଳର ଆବରଣ ପ୍ରୟୋଗ କରିପାରିବେ କାରଣ ଏହା ଦ୍ବାରା ମାଟିର ଆର୍ଦ୍ରତା ଏବଂ ମାଟିର ତାପମାତ୍ରା ନିୟନ୍ତ୍ରିତ ରହିଥାଏ।<br>• କୋବିରେ ଲାଗୁଥିବା ଠିକିରିଆ (Diamond back moth) ପୋକର ଆକ୍ରମଣ ପ୍ରତି ନିୟମିତ ଭାବେ ଧ୍ୟାନ ଦିଅନ୍ତୁ । ଯଦି ପ୍ରକୋପ ଦେଖାଯାଏ ତେବେ ଏହାର ଦମନ ପାଇଁ ୫ ମି.ଲି. ନିମ୍ବ ତେଲ କିମ୍ବା ୦.୪ ଗ୍ରାମ୍ ଇମାମେକଟିନ୍ ବେନଜୋଏଡ୍‌କୁ ପ୍ରତି ଲିଟର ପାଣିରେ ମିଶାଇ ଫସଲରେ ପ୍ରୟୋଗ କରନ୍ତୁ ।<br>• ଆଗକୁ ପାଗ ଶୁଷ୍କ ରହିବାର ସମ୍ଭାବନା ଥିବାରୁ ପରିପକ୍ୱ ପରିବାକୁ କାଟିବାର ପ୍ରବନ୍ଧ କରନ୍ତୁ ଏବଂ ଅଂଗିୟ ଅବସ୍ଥାରେ ଥିବା ଫସଲରେ ଆବଶ୍ୟକତା ଅନୁଯାୟୀ ହାଲୁକା ଜଳ ସେଚନ ତଥା ଔଷଧର ପ୍ରୟୋଗ କରନ୍ତୁ । |
| ଲଙ୍କା | ଅଙ୍ଗୀୟ ଅବସ୍ଥା | ପତ୍ରମୋଡା ରୋଗ:<br>• ଲକ୍ଷଣ: ଏହି ରୋଗ ଯୋଗୁଁ ଗଛ ଭଲଭାବେ ବଢିପାରେ ନାହିଁ। ପତ୍ର ଯେତେବେଳେ ଉଙ୍କୁନିଆ ପୋକ ଦ୍ୱାରା ଆକ୍ରାନ୍ତ ହୋଇଥାଏ, ପତ୍ର ସବୁ ଉପରକୁ ମୋଡ଼ି ହୋଇଯାଏ ଓ ଏହି ପୋକ ସବୁ ଅଗ କଅଁଳିଆ ପତ୍ରର ଉପର ଅଂଶରେ ଥାଆନ୍ତି ଏବଂ ଜଉ ପୋକ ଲାଗିଲେ ପତ୍ର ସବୁ ତଳକୁ ମୋଡ଼ି ହୋଇଯାଆନ୍ତି ।<br>• ପରିଚାଳନା: ଏହାର ପରିଚାଳନା ହେତୁ ନୀଳ ରଙ୍ଗର ଅଠାଳିଆ ଯନ୍ତା ଲଗାଇଲେ ଉଁକୁନିଆ ପୋକ ଆକୃଷ୍ଟ ହୋଇଥାନ୍ତି। ଏହା ବ୍ୟତୀତ ପ୍ରଥମାବସ୍ତାରେ ୫ ମିଲି ନିମ୍ବ ଆଧାରିତ ବିଷକୁ ଗୋଟେ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଶେଷରେ ରାସାୟନିକ ଔଷଧ ଯଥା ସ୍ପିନୋଷାଡ @ ୪ ମିଲିକୁ ୧୦ ଲିଟର ପାଣିରେ କିମ୍ବା ଫିପ୍ରୋନିଲ୍ ୫% ଏସ୍.ସି. @୨ ମିଲିକୁ ଗୋଟେ ଲିଟର ପାଣିରେ ମିଶାଇ ୭-୧୦ ଦିନ ଅନ୍ତରରେ ସିଞ୍ଚନ କରନ୍ତୁ । |

| | | |
|---|---|---|
| | | • କୁହୁଡିଆ ପାଗରେ ସିଞ୍ଚନ କାର୍ଯ୍ୟ କରନ୍ତୁ ନାହିଁ । |
| ଗୋରୁ ଗାଈ ଓ ମଇଷି | • ପଶୁମାନଙ୍କୁ ଥଣ୍ଡାରୁ ରକ୍ଷା କରିବା ପାଇଁ, ସେମାନଙ୍କୁ ରାତିରେ ଘର ଭିତରେ ରଖି ଶୁଖିଲା ବିଛଣା ଯୋଗାଇବା ଉଚିତ (ଯେପରିକି ଅଖା ବସ୍ତାରେ ପଶୁମାନଙ୍କୁ ଘୋଡ଼େଇବା ଏବଂ ଗୁହାଳରେ ତଳେ ପୁଆଳ ବିଛାଇବା ଇତ୍ୟାଦି) ଏବଂ ଶରୀରର ଉତ୍ତାପ ସୃଷ୍ଟି କରିବା ପାଇଁ କମ ଥଣ୍ଡା ଥିବା ତାଜା ପାଣି ଏବଂ ଅତିରିକ୍ତ ଖାଦ୍ୟର ସୁବିଧା ସୁନିଶ୍ଚିତ କରାଯିବା ଉଚିତ ।<br>• ପଶୁମାନଙ୍କ ଖାଦ୍ୟରେ ପୁଷ୍ଟିସାର ଓ ଖଣିଜ ଲବଣର ମାତ୍ରା ବଢାନ୍ତୁ । ପଶୁମାନଙ୍କୁ ଦୈନିକ ମିଶ୍ରିତ ଖଣିଜ ଲବଣ, ଲୁଣ, ଚକଡ଼, ଗୁଡ ଇତ୍ୟାଦିକୁ @ ୧୦ ରୁ ୨୦ % ଦୈନିକ ରାସନ ହିସାବରେ ଖାଇବାକୁ ଦିଅନ୍ତୁ ଯେପରିକି ସେମାନଙ୍କ ଶରୀରର ଆବଶ୍ୟକ ଶକ୍ତି ଭରଣ ହୋଇପାରିବ ।<br>• ଗାଇଗୋରୁମାନଙ୍କ ଠାରେ ପେଟର କୃମିକୁ ନିୟନ୍ତ୍ରଣ କରିବା ପାଇଁ ସେମାନଙ୍କୁ ନିୟମିତ ବ୍ୟବଧାନରେ କୃମିନାଶକର ସେବନ କରାନ୍ତୁ ଏବଂ ବିଭିନ୍ନ ରୋଗରୁ ମୁକ୍ତି ପାଇଁ ଆବଶ୍ୟକତା ଅନୁଯାୟୀ ଟିକାକରଣ କରିବାର ବ୍ୟବସ୍ଥା କରନ୍ତୁ । | |
| କୁକୁଡ଼ା | • କୁକୁଡ଼ା ଫାର୍ମରେ କୁକୁଡ଼ା ଚିଆକୁ ଶୀତ ଦାଉରୁ ରକ୍ଷା କରିବା ପାଇଁ କୃତ୍ରିମ ଆଲୋକୀକରଣର ବ୍ୟବସ୍ଥା କରନ୍ତୁ ।<br>• କୁକୁଡ଼ାମାନଙ୍କ ଜଳ ଗ୍ରହଣକୁ ପ୍ରୋତ୍ସାହିତ କରିବା ପାଇଁ ପାନୀୟ ଜଳର ଉପଯୁକ୍ତ ତାପମାତ୍ରା ବଜାୟ ରଖନ୍ତୁ । | |


| | |
|---|---|
| **Mrs. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |


- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍ୱୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ମୋବାଇଲ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଦ୍ଧିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ ମୌସମ ଆପ ର ବ୍ୟବହାର କରିପାରିବେ।